To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.12, ଭଦ୍ରକ, ଶନିବାର, ୭, ଜୁଲାଇ ୨୦୧୮ ■ Bhadrak, Saturday, 7 July 2018 Rs. 2.00 Pages-8

ଜାକିର ନାୟକଙ୍କ ଭାରତ ପ୍ରତ୍ୟର୍ପଣ ପ୍ରସ୍ତାବକୁ ଅଗ୍ରାହ୍ୟ କଲା ମାଲେସିଆ



ଅଣହିନ୍ଦୁ ପ୍ରବେଶ ପ୍ରସଙ୍ଗ

# ଖୋଲିବ କି ଜଗା ଦ୍ୱାର ?

■ ସୁପ୍ରିମ୍‌କୋର୍ଟର ପ୍ରଶ୍ନ ପରେ ଚର୍ଚ୍ଚା ଆରମ୍ଭ

■ ସହଜରେ ଗ୍ରହଣ କରିପାରୁନାହାନ୍ତି ସେବାୟତ ଓ ଗବେଷକ



ପୁରୀ, ୬।୭ (ସକାଳ ଖବର) : ଭାଙ୍ଗିବ ୧୦୦୦ ବର୍ଷର ପରମ୍ପରା । ଶ୍ରୀମନ୍ଦିରକୁ ପ୍ରବେଶ କରିବେ ଅଣହିନ୍ଦୁ । ଏଭଳି ବହୁ ଚର୍ଚ୍ଚା ଏବେ ଆରମ୍ଭ ହୋଇଯାଇଛି । ଶ୍ରୀମନ୍ଦିର ଉପରେ ବିଗତ ଦିନରେ ୧୭ଥର ଆକ୍ରମଣ ହୋଇଥିବା ଇତିହାସ କହୁଥିବା ବେଳେ ସର୍ବାଧିକ ଥର ଅଣହିନ୍ଦୁମାନେ ହିଁ ମନ୍ଦିର ଉପରେ ଆକ୍ରମଣ କରିଛନ୍ତି । ଏପରିକି ବିଗ୍ରହଙ୍କୁ ଅତି ବିବସ୍ତ୍ର ଭାବେ ପୋଡ଼ି ପକାଇବା ଭଳି ହୃଦୟ ବିଦାରକ ତଥ୍ୟ ମଧ୍ୟ ରହିଛି ଇତିହାସରେ । ଯାହା ଭୟରେ ଠାକୁରମାନଙ୍କୁ ବାରମ୍ବାର ଗୋପନ ଲୀଳାରେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଆଉ ହୁଏତ ଏହି କାରଣରୁ ହିଁ ଜଗନ୍ନାଥ ମନ୍ଦିରକୁ କେବଳ ମୌଳିକ ହିନ୍ଦୁମାନେ ପ୍ରବେଶ କରିପାରିବେ ବୋଲି ଲେଖାଯାଇଥାଇପାରେ ବୋଲି ଅନୁମାନ କରାଯାଉଛି । ତେବେ ଶ୍ରୀମନ୍ଦିର ମଧ୍ୟକୁ ଅଣହିନ୍ଦୁ ପ୍ରବେଶ ଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପ୍ରଶ୍ନ ପରେ ଏବେ ଶ୍ରୀମନ୍ଦିର ପ୍ରଶାସନ କ'ଣ ଉତ୍ତର ରଖିବ ତାକୁ ନେଇ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି ତର୍କ । ଶ୍ରୀମନ୍ଦିର ସଂସ୍କାର ପାଇଁ ସୁପ୍ରିମକୋର୍ଟଙ୍କ ପରାମର୍ଶକୁ ନେଇ ସେବାୟତ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ବିଶେଷ କରି ମନ୍ଦିର ଭିତରକୁ ଅଣ ହିନ୍ଦୁ ପ୍ରବେଶକୁ ନେଇ ସର୍ବୋଚ୍ଚ ଅଦାଲତ ଦେଇଥିବା ପରାମର୍ଶକୁ ସହଜରେ ଗ୍ରହଣ କରିପାରନାହାନ୍ତି ସେବାୟତ ଓ ଗବେଷକ । ସୂଚନାଯୋଗ୍ୟ, ଗତକାଲି ଶ୍ରୀମନ୍ଦିର ସଂସ୍କାର ସମ୍ପର୍କିତ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ ମନ୍ଦିରରେ ଅଣ ହିନ୍ଦୁଙ୍କ ପ୍ରବେଶ ପ୍ରସଙ୍ଗ ଉଠାଇଥିଲେ । (ପୃଷ୍ଠା-୭)

## ଭାଙ୍ଗିବ ୧୦୦୦ ବର୍ଷର ପରମ୍ପରା !

# ସରିଫ୍‌ଙ୍କୁ ସଜା



● ଦଣ୍ଡାଦେଶ ଶୁଣାଇଲେ ନ୍ୟାସନାଲ୍ ଆକାଉଣ୍ଟବିଲିଟି ବ୍ୟୁରୋ କୋର୍ଟ

● ନୱାଜ୍ ସରିଫ୍‌ଙ୍କୁ ୧୦ ବର୍ଷ ଓ ନୱାଜଙ୍କ ଝିଅଙ୍କୁ ୭ ବର୍ଷ ଜେଲ୍

● ପାକିସ୍ତାନ ରାଜନୀତିରେ ହଟଚମଟ

ଇସ୍‌ଲାମାବାଦ, ୬।୭: କଥାରେ ଅଛି କାଲି ଯିଏ ଅମୀର ଆଜି ସେ ଫକୀର । ଏହି କ୍ରମରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫଙ୍କୁ ଲାଗିଛି ବଡ଼ ଝଟ୍‌କା । ନୱାଜଙ୍କୁ ୧୦ ବର୍ଷ ପାଇଁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ନ୍ୟାସନାଲ୍ ଆକାଉଣ୍ଟବିଲିଟି ବ୍ୟୁରୋ କୋର୍ଟ । କେବଳ ନୱାଜ୍ ନୁହନ୍ତି ତାଙ୍କ ଝିଅ ମରିୟମ୍ ସରିଫ୍‌ଙ୍କୁ ମଧ୍ୟ ୭ ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି ଅଦାଲତ । ଏଥିସହିତ ପୂର୍ବତନ ସୁରକ୍ଷା ଅଧିକାରୀ ତଥା ନାଜଙ୍କୁ ଜ୍ୱାଇଁ ସଫଦର ଅନଙ୍କୁ ମଧ୍ୟ ବର୍ଷେ ଜେଲ୍ ଦଣ୍ଡାଦେଶ ହୋଇଛି । ନୱାଜଙ୍କ ନାଁରେ ଦୁର୍ନୀତି ଅଭିଯୋଗ ନେଇ ମାମଲା ଚାଲିଥିଲା । ଇଂଲଣ୍ଡର ଏଭିନ୍ୟୁ ଫିଲ୍ଡରେ ୪ଟି ଫ୍ଲାଟର ମାଲିକାନା ରହିଛି ନୱାଜଙ୍କ ନାମରେ । ୨୦୧୫ ପାନାମା ପେପର୍ ଲିକ୍ ପରେ ଏନେଇ ବଡ଼ ଧରଣର ଖୁଲାସା ହୋଇଥିଲା । ନୱାଜ୍ ଏବଂ ତାଙ୍କ ପରିବାରର ଇଂଲଣ୍ଡର ବିଭିନ୍ନ ସ୍ଥାନରେ ଆଲିଶାନ୍ କୋଠା ସହ ଅନେକ ସମ୍ପତ୍ତି ରହିଥିବା ଜଣାପଡ଼ିଥିଲା । ମାମଲାରେ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇ ଗତବର୍ଷ ପ୍ରଧାନମନ୍ତ୍ରୀ ପଦ ହରାଇଥିଲେ ନୱାଜ୍ । ତେବେ ଆଜି ଏସିବି କୋର୍ଟରେ ମାମଲାର ଶୁଣାଣି ବେଳେ ନାଟକୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । କୋର୍ଟ ପ୍ରଥମେ ୧୨ଟା ୩୦ ଏବେ ପରେ ୨ଟା ୩୦ ଏବଂ ଶେଷରେ ୩ଟା ବେଳେ ରାୟ ଶୁଣାଇଥିଲେ । ବାରମ୍ବାର କୋର୍ଟ କାର୍ଯ୍ୟକୁ ମୁଲତବୀ କରାଯାଇଥିବା ସୂଚନା ମିଳିଛି । ପାକିସ୍ତାନରେ ଆଗାମୀ କିଛି ଦିନ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ । ତେବେ ତା ପୂର୍ବରୁ ନୱାଜଙ୍କ ଦଣ୍ଡାଦେଶ ପାକିସ୍ତାନ ରାଜନୀତିରେ ହଟଚମଟ ସୃଷ୍ଟି କରିଛି । ମରିୟମ୍ ଚଳିତ ନିର୍ବାଚନରେ ପାକିସ୍ତାନ ମୁସଲିମ୍ ଲିଗ୍ ପ୍ରମୁଖ ଚେହେରା ଭାବେ ବିଭିନ୍ନ ସଭାରେ ନଜର ଆସିଛନ୍ତି ।

# ମୁକୁଳିଲେ ହାଁସଦା



ଭୁବନେଶ୍ୱର,୬।୭ (ସକାଳ ଖବର) : ନବଦିଗନ୍ତ ଚିଟଫଣ୍ଡ ଠକେଇ ମାମଲାରେ ଗିରଫ ହୋଇଥିବା ରାମଚନ୍ଦ୍ର ହାଁସଦା ଆଜି ଜେଲରୁ ବାହାରିଛନ୍ତି । ପ୍ରାୟ ୪ ବର୍ଷ ପରେ ଝାରପଡା ଜେଲରୁ ବାହାରିଛନ୍ତି ହାଁସଦା । ୨୦୧୪ ନଭେମ୍ବର ୪ ରୁ ହାଁସଦା ଗିରଫ ହୋଇ ଝାରପଡା ଜେଲରେ ରହି ଆସୁଥିଲେ । ଗତ ୩ ତାରିଖରେ ତାଙ୍କୁ ସୁପ୍ରିମକୋର୍ଟରୁ ଜାମିନ ମିଳିଥିଲା । ତେବେ ଜେଲରୁ ମୁକୁଳିବା ପରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ହାଁସଦା । ବିଜେପି ସରକାରର ଚାପରେ ସିବିଆଇ କାମ କରୁଥିବା ଅଭିଯୋଗ ଆଣିବା ସହ ବିରୋଧୀଙ୍କୁ ଚାପିବାକୁ ଉଦ୍ୟମ କରାଯାଉଛି, ସିବିଆଇ ମୋତେ କାହିଁକି ଗିରଫ କଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଚିଟଫଣ୍ଡରେ ବି ତାଙ୍କ ଟଙ୍କା ଲାଗିଥିବା କହିବା ସହ ତାଙ୍କ ପ୍ରତି ଅନ୍ୟାୟ ହୋଇଛି ବୋଲି ଗଣମାଧ୍ୟମ ଆଗରେ ହାଁସଦା କହିଛନ୍ତି ।

# ଶ୍ରଦ୍ଧାଳୁଙ୍କୁ ମିଳିବ ସମସ୍ତ ସୁବିଧା : ମୁଖ୍ୟମନ୍ତ୍ରୀ

ରଥଯାତ୍ରା ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ




ପୁରୀ,୬।୭ (ସକାଳ ଖବର) : ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଦେଶ ବିଦେଶର ଲକ୍ଷ ଲକ୍ଷ ଭକ୍ତ ଯୋଗଦେବେ । ସେମାନେ କିପରି ଶୃଙ୍ଖଳିତ ଦର୍ଶନ, ପରିଚର୍ଯ୍ୟା, ସୁରକ୍ଷା ଯୋଗାଇଦେବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି । ସ୍ୱାସ୍ଥ୍ୟ ପରିମଳକୁ ସଜଡ଼ା ଯାଇଛି । ରଥଯାତ୍ରାରେ ସେବାୟତ ମାନଙ୍କର ବଡ଼ ଭୂମିକା ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୀକ୍ଷା ବୈଠକରେ ଯୋଗ ଦେଇ କହିଥିଲେ । ଗୋପବନ୍ଧୁ ଆୟୁର୍ବେଦ ମହା ବିଦ୍ୟାଳୟରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ରଥ ନିର୍ମାଣ, ଦ୍ରବ୍ୟ ଯୋଗାଣ, ରଥ ଦଉଡ଼ି ଯୋଗାଣ, ଚନ୍ଦନ କସ୍ତୁରୀ ମହଜୁଦ ରହିଛି ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ କୁମାର ଦାସ କହିଥିଲେ । ରଥଯାତ୍ରାରେ ସ୍ୱାସ୍ଥ୍ୟ ମୁଖ୍ୟ ସମସ୍ୟା ହୋଇଥିବାରୁ ସେ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରି ସିଡ଼ିଏମଓ ହରି ପ୍ରସାଦ ପଟ୍ଟନାୟକ ଯୋଗଦେଇ ୧୬୭ ଜଣ ଡାକ୍ତର, ୨୧ ଜଣ ବିଶେଷଜ୍ଞ ଡାକ୍ତର, ୩୭୪ ଜଣ ପାରା ମେଡ଼ିକାଲ ଷ୍ଟାଫ ଯୋଗଦେବେ । ୬୮ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯିବ । ଜଳଯୋଗାଣକୁ ସୁନିୟନ୍ତ୍ରିତ କରାଯିବ । ବଡ଼ ଦାଣ୍ଡର ଦୁଇ ପାର୍ଶ୍ୱରେ ୨୫୦ ଟ୍ୟାପରେ ପିଇବା ପାଣି ଯୋଗାଇ ଦିଆଯିବ । ହ୍ୟାଣ୍ଡ ପମ୍ପ, ୧୦ଟି ଟ୍ୟାଙ୍କର ରଖାଯିବ । ଭକ୍ତମାନେ ପିଇବା ପାଣି ପାଇଁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯିବ । ସେହିପରି ପୌରସଂସ୍ଥା ପରିମଳ ସମ୍ପର୍କରେ ସୁବ୍ୟବସ୍ଥା ହୋଇଛି । ୨୫୫ଟି ନଳା ସଫା ହୋଇଛି । ପାଣି ଉଠାଇବା ପାଇଁ ପମ୍ପସେଟ ରଖାଯିବ । ରଥଯାତ୍ରାରେ ମଶାରୁ ରକ୍ଷା ପାଇଁ ମଶା ତେଲ ପକାଯିବ । ୭ଟି ମୋବାଇଲ ଟଏଲେଟ ବଡ଼ ଦାଣ୍ଡରେ ରହିବ ।

ସହରର ୪୩ଟି ରାସ୍ତାକୁ ଗମନାଗମନ ଉପଯୋଗୀ କରାଯାଇଛି । ଜାତୀୟ ରାଜପଥ ପକ୍ଷରୁ ଡ୍ରେନରେ ସ୍ଲାବ ପକାଇବା ସହ ସ୍ୱତନ୍ତ୍ର ଗାଡ଼ି ରଖାଯିବ । ଭୁବନେଶ୍ୱର-ପୁରୀ, ପୁରୀ-କୋଣାର୍କ ରାସ୍ତାରେ ସ୍ପିଡ଼ ବ୍ରେକର ଲଗାଯାଇଛି । ଲାଇଟ ଇଣ୍ଡିକେଟର ରଖାଯାଇଛି । ସହରରେ ୮ଟି ପଂଚାୟତର ଗାଡ଼ି ରହିବ । ମହୋଦଧି ସ୍ନାନରେ ଲାଇଫ ଗାର୍ଡ଼, ଆମ୍ବୁଲାନସ ରହିବ । ପାଣି ସ୍ପ୍ରେ କରାଯବ । ବିଦ୍ୟୁତ ଯୋଗାଣ ନିରବଚ୍ଛିନ୍ନ କରାଯିବ । ରଥର ଆଗ ଓ ପଛରେ ଲାଇଟ ରହିବ । ଭୂତ କେବୁଲ ମରାମତି କରାଯାଇଛି । ୧୪ଟି କଂଟ୍ରୋଲ ରୁମ ଖୋଲାଯିବ । ରଥଯାତ୍ରା ପାଇଁ ସ୍ୱତନ୍ତ୍ର ବସ ସହ ୨୦୦ରୁ ଉର୍ଦ୍ଧ୍ୱ ଅଧିକ ବସ ଚାଲିବ । ୧୮୪ ଟି ଅଧିକ ଟ୍ରେନ ପୁରୀକୁ ଚଳାଚଳ କରିବ । ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ସୂଚନା ଓ ଲୋକ ସମ୍ପର୍କ ପକ୍ଷରୁ ୧୧ଟି ଷ୍ଟଲରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ପର୍ଯ୍ୟଟନ ବିଭାଗ ପକ୍ଷରୁ ସାତଟି ଛକରେ ୩୦୦ଟି ଲାଇଫ ଗାର୍ଡ଼ ଦିଆଯିବ । ନରେନ୍ଦ୍ର ପୁଷ୍କରିଣୀରେ ଲେଜର ସୋ ପ୍ରଦର୍ଶିତ ହେବ ।

ଏହି ସମୀକ୍ଷା ବୈଠକରେ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଅଶୋକ ପଣ୍ଡା, ପ୍ରତାପ ଜେନା, ସାଂସଦ ପିନାକୀ ମିଶ୍ର, ବିଧାୟକ ତଥା ଚେୟାରମ୍ୟାନ ଏଷ୍ଟିମେଟ କମିଟିର ସଂଜୟ ଦାସ ବର୍ମା, ଆରଡ଼ିସି ଡି.ଭି. ସ୍ୱାମୀ, ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ, ଏସ.ପି ସାର୍ଥକ ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଡିଜି ରାଜେନ୍ଦ୍ର ପ୍ରସାଦ ସିଂ, ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ସତ୍ୟଜିତ ମହାନ୍ତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ନଗରପାଳ ଜୟନ୍ତ ଷଡ଼ଙ୍ଗୀ, କତା ନିଗମ ଅଧ୍ୟକ୍ଷ ରାମକୃଷ୍ଣ ଦାସ ମହାପାତ୍ର ପ୍ରମୁଖ ଯୋଗ ଦେଇଛନ୍ତି ।

# ଟିଟୋକୁ ଟାର୍ଗେଟ୍

## ସହଯୋଗୀ ଚଗଲା ଏନ୍‌କାଉଣ୍ଟରରେ ମୃତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ରେଡ୍



କେନ୍ଦ୍ରାପଡ଼ା, ୬।୭ (ସକାଳ ଖବର) : ଗ୍ୟାଙ୍ଗଷ୍ଟର ଟିଟୋ ଓରଫ ସୟଦ ଉସମାନ ଅଲ୍ଲୀର କେନ୍ଦ୍ରାପଡା ସହରର ଦିଲାରପୁରସ୍ଥିତ ବାସଭବନ ଏବଂ ବିଭିନ୍ନ ସ୍ଥାନରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଆଜି କ୍ରାଇମବ୍ରାଂଚ ପକ୍ଷରୁ ରେଡ କରାଯାଇଛି । ଗତ ଜୁନମାସ ୩୦ତାରିଖରେ ରାଜ୍ୟ କ୍ରାଇମବ୍ରାଂଚ ଏସ.ଷ୍ଟି.ଏଫ ପକ୍ଷରୁ ଦିଲାରପୁରସ୍ଥିତ ବାସଭବନରୁ ଟିଟୋକୁ ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ଗିରଫ କରାଯାଇ ଭୂବନେଶ୍ୱର କ୍ରାଇବ୍ରାଂଚ କାର୍ଯ୍ୟାଳୟକୁ ନିଆଯାଉଥିବା ସମୟରେ ଚଣ୍ଡିଖୋଲଠାରେ ଟିଟୋ ପୋଲିସ ଉପରକୁ ଗୁଳି ଚଳାଇବାରୁ ପୋଲିସର ପାଲଟା ଗୁଳିରେ ଆହତ ହୋଇ ପ୍ରଥମେ ବଡଚଣା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାରେ ଭର୍ତି ହୋଇଥିଲା । କଟକ ଡାକ୍ତରଖାନାରୁ ଡିସଚାର୍ଜ ହେବାପରେ ଚଳିତମାସ ୩ତାରିଖରେ ଟିଟୋକୁ କେନ୍ଦ୍ରାପଡା ଏସ.ଡି.ଜେ.ଏମ.ଙ୍କ କୋର୍ଟରେ କ୍ରାଇମବ୍ରାଂଚ ପକ୍ଷରୁ ହାଜର କରାଯାଇଥିଲା । ତାର ଜାମିନ ଦରଖାସ୍ତ ନାମଞ୍ଜୁର ହେବାରୁ ତାକୁ ବାରିମୂଳସ୍ଥିତ ଉପକାରାଗାରକୁ ପଠାଇ ଦିଆଯାଇଥିଲା । ଚଳିତମାସ ୪ତାରିଖରେ କ୍ରାଇମବ୍ରାଂଚ ପକ୍ଷରୁ ଟିଟୋକୁ ୧୦ଦିନ ପାଇଁ ରିମାଣ୍ଡରେ ନେବାକୁ ଏସ.ଡି.ଜେ.ଏମ.ଙ୍କ କୋର୍ଟରେ ଆବେଦନ କରାଯାଇଥିଲା । କିନ୍ତୁ କୋର୍ଟ ମାତ୍ର ୫ଦିନ ରିମାଣ୍ଡରେ ନେବାକୁ ନିର୍ଦ୍ଦେଶ ଦେବା ପରେ ସେହିଦିନ ଟିଟୋକୁ ଜେଲରୁ ଭୂବନେଶ୍ୱର କ୍ରାଇମବ୍ରାଂଚ କାର୍ଯ୍ୟାଳୟକୁ ନିଆଯାଇଥିଲା । ଟିଟୋକୁ କ୍ରାଇମବ୍ରାଂଚ ପକ୍ଷରୁ ପଚରାଉଚୁରା କରାଯିବା ପରେ ସେଥିରୁ ତାର (ପୃଷ୍ଠା-୭)

## ରାଜ୍ୟପାଳଙ୍କୁ ଚିଠି ପ୍ରସଙ୍ଗ

# ଦୁଃଖ ପ୍ରକାଶ କଲେ ମୁଖ୍ୟ ଶାସନ ସଚିବ

ଚିଠି ଲେଖିଥିବା ଅଧିକାରୀଙ୍କ ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୬।୭ (ସକାଳ ଖବର) : ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଙ୍କ ବିମାନ ଖର୍ଚ୍ଚକୁ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଲେଖାଯାଇଥିବା ଚିଠି ସମ୍ପର୍କରେ ଦୁଃଖ ପ୍ରକାଶ କରିଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏହାସହ ଏହି ଚିଠି ପଠାଇଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ପାଢୀ କହିଛନ୍ତି ।

ଶୁକ୍ରବାର ଅପରାହ୍ନରେ ମୁଖ୍ୟ ଶାସନ ସଚିବ ରାଜଭବନ ଯାଇ ରାଜ୍ୟପାଳ ପ୍ରଫେସର ଲାଲ୍ ଙ୍କୁ ଭେଟିବା ସହ ଚାଟାର୍ଡ଼ ଫ୍ଲାଇଟ୍ ଗସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି ବୋଲି ଜଣାଇଥିଲେ ଏବଂ ଚିଠି ଲେଖାଯାଇଥିବାରୁ ଦୁଃଖ ପ୍ରକାଶ କରିଥିଲେ । ସେହିପରି ଭୁବନେଶ୍ୱରରୁ ସିର୍‌ସା ଗସ୍ତ ପାଇଁ ଚାଟାର୍ଡ଼ ଫ୍ଲାଇଟ୍ ବ୍ୟବହାର ସଂପର୍କରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ସାଧାରଣ ପ୍ରଶାସନ ବିଭାଗରୁ ଯେଉଁ ଚିଠି ଯାଇଛି ସେ ବିଷୟରେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଗଭୀର ଦୁଃଖ ପ୍ରକାଶ କରିଥିଲେ । ଏ ପ୍ରକାର ଚିଠି ପ୍ରେରଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ମୁଖ୍ୟ ଶାସନ ସଚିବ ରାଜ୍ୟପାଳଙ୍କୁ ଜଣାଇଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବଙ୍କୁ ଏକ ଚିଠି ଲେଖାଯାଇଥିଲା। ଉକ୍ତ ଚିଠିରେ ଜୁନ ୧୦ ତାରିଖରୁ ୧୪ ତାରିଖ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଲାଲ୍ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରୁ ଦିଲ୍ଲୀ ଯାଇଥିଲେ। ଯେଉଁଥି ପାଇଁ ରାଜଭବନ ପକ୍ଷରୁ ୪୧ ଲକ୍ଷ ୧୮ ହଜାର ଟଙ୍କା ବିଲ୍ ଦିଆଯାଇଥିଲା। ସେହିପରି ଦିଲ୍ଲୀରୁ ହେଲିକପ୍ଟର ଯୋଗେ ରାଜ୍ୟପାଳ ହରିୟାଣା ଶୀର୍ଷାକୁ ଯାଇଥିଲେ । ଏହା ବାବଦରେ ହେଲିକପ୍ଟର ଭଡା ବାବଦକୁ ୫ ଲକ୍ଷ ଟଙ୍କା ବିଲ ହୋଇଥିଲା। ରାଜ୍ୟପାଳ କେଉଁ ପରିସ୍ଥିତିରେ ଓ କେଉଁ ଉଦ୍ଦେଶ୍ୟରେ ଏହି ସ୍ଥାନକୁ ଗସ୍ତ କରିଥିଲେ ସେ ସମ୍ପର୍କରେ ସବିଶେଷ ତଥ୍ୟ ଦେବା ସହ ଏ ନେଇ ୟୁଜର୍ସ ସାର୍ଟିଫିକେଟ ଦାଖଲ କରିବାକୁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଥିଲା। ଏହା ରାଜନୈତିକ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିଲା।

# ରାଜ୍ୟରେ ୨୮% କମ୍ ବର୍ଷା

ଭୁବନେଶ୍ୱର, ୬।୭ (ସକାଳ ଖବର) : ଗତ ଜୁନ୍ ୧ ତାରିଖରୁ ଜୁଲାଇ ୫ ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ୨୮% କମ୍ ବର୍ଷା ହୋଇଛି ବୋଲି ଡେପୁଟି ଏସଆରସି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବଲାଙ୍ଗିର, ଅନୁଗୋଳ, କଳାହାଣ୍ଡି ଓ ନବରଙ୍ଗପୁରରେ ୫୦%ରୁ କମ୍ ବର୍ଷା ହୋଇଛି। ତେବେ ଆସନ୍ତା ୮ ତାରିଖରୁ ବର୍ଷାର ପରିମାଣ ଅଧିକ ହେବାର ସମ୍ଭାବନା ରହିଛି । ସେ ଆହୁରି କହିଛନ୍ତି ଯେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ହାରାହାରି ୧.୩ ମିମି ବର୍ଷା ହୋଇଛି। ମାଲକାନାଗିରି ଜିଲ୍ଲାରେ ସର୍ବାଧିକ ୧୨.୮ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ୧୨.୩ ମିମି ବର୍ଷା ରେକର୍ଡ ହୋଇଛି ।

# ଉରୁଗୁଏକୁ ୨-୦ରେ ହରାଇ ସେମିରେ ଫ୍ରାନ୍ସ



ନୋଭଗୋରୋଦ, ୬।୭: ଚଳିତ ଫୁଟବଲ ବିଶ୍ୱକପ୍‌ର ପ୍ରଥମ କ୍ୱାର୍ଟର ଫାଇନାଲରେ ଶୁକ୍ରବାର ଫ୍ରାନ୍ସ ୨-୦ରେ ଉରୁଗୁଏକୁ ପରାସ୍ତ କରିଛି । ଫିଫା ବିଶ୍ୱକପ ଇତିହାସରେ ଫ୍ରାନ୍ସ ପ୍ରଥମ ଥର ଉରୁଗୁଏ ହରାଇବା ସହିତ ସେମିଫାଇନାଲରେ ପ୍ରବେଶ କରିଛି । ଫ୍ରାନ୍ସର ରାଫେଲ ବରାନ ୪୦ ମିନିଟରେ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ । ସେ ଆଣ୍ଟୋନି ଗ୍ରୀଜମ୍ୟାନଙ୍କ କର୍ଣ୍ଣର କିକ୍ ବଲକୁ ହେଡରକୁ ଗୋଲପୋଷ୍ଟ ପର୍ଯ୍ୟନ୍ତ ନେଇଥିଲେ । ଫ୍ରାନ୍ସ ପାଇଁ ୨ୟ ଗୋଲ ଦେଇଥିଲେ ଗ୍ରୀଜମ୍ୟାନ । ସେ ୬୧ ମିନିଟରେ ଗୋଲ ଦେଇଥିଲେ । ବକ୍ସ ବାହାରୁ ସର୍ଟ ମାରି ବଲକୁ ମାରିଥିଲେଛ ଉରୁଗୁଏର ଗୋଲକିପର ଫର୍ଣ୍ଣାଡୋ ମୁସଲେରାଙ୍କ ହାତରେ ବଲ ବାଜିଥିଲେ ମଧ୍ୟ ସେ ଗୋଲକୁ ଅଟକାଇ ପାରି ନଥିଲେ । ଏହା ପୂର୍ବରୁ ଫ୍ରାନ୍ସର ଲୁକାସ ହର୍ଣ୍ଣାଡେଜଙ୍କୁ ମ୍ୟାଚର ପ୍ରଥମ ୟଲୋ କାର୍ଡ ୩୩ ମିନିଟରେ ମିଳିଥିଲା । ୬୯ ମିନିଟରେ କାଲିୟନ ଏମ୍ବାପ୍ପୋଙ୍କୁ ମଧ୍ୟ ଏହି କାର୍ଡ ମିଳିଥିଲା । ଫ୍ରାନ୍ସ ୮୦ ମିନିଟରେ ଟୋଲିସୋଙ୍କ ସ୍ଥାନରେ ଏନଜୋନଜି, ୮୮ ମିନିଟରେ କିଲିୟନ ଏମ୍ବାପ୍ପେଙ୍କ ସ୍ଥାନରେ ଡେମ୍ବେଲେ ଓ ୯୦୩ ମିନିଟରେ ଗ୍ରୀଜମ୍ୟାନଙ୍କୁ ଡାକିଥିଲା ।



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।



ହୁଣ୍ଡିର ଆୟ (୫.୭.୧୮)
୫୧,୦୭୦

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick